# ଅନ୍ତର୍ଜାତୀୟ ସେମିନାରରେ ପ୍ରଦର୍ଶିତ ହେଲା ଝୁରିମାଲର ସାମୂହିକ ନୂଆଁଖାଇ

ସୁନ୍ଦରଗଡ,୪।୧୨(ଜୟ ନାରାୟଣ ମେଣ୍ଡୁଲି)



ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଝୁରିମାଲ ଗ୍ରାମର ସାମୂହିକ ନୂଆଁଖାଇ ହେଉଛି ସବୁଠୁ ନିଆରା। ନୂଆଁଖାଇ ପରି ଏକ ଗଣପର୍ବକୁ ସାମୂହିକଭାବେ ଗାଁର ପ୍ରତ୍ୟେକ ପରିବାର ଦୀର୍ଘ ୧୨ବର୍ଷ ଧରି ପାଳନ କରିବାର ଅଭିନବ ପରମ୍ପରା ପ୍ରକୃତପକ୍ଷେ ଅଭିନବ ତଥା ଦୃଷ୍ଟାନ୍ତ ମୂଳକ ପଦକ୍ଷେପ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ବରିଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ତଥା ଝୁରିମାଲ ସାମୂହିକ ନୂଆଁଖାଇର ମୁଖ୍ୟ ଉଦ୍ୟୋକ୍ତା ଦିଗାମ୍ବର ଉପାଧ୍ୟାୟଙ୍କ ଲିଖିତ ବାସ୍ତବ କାହାଣୀ "ପରମ୍ପରା ରକ୍ଷା ଓ ଏକାତ୍ମତା ପୋଷଣ: ଝୁରିମାଲର ସାମୂହିକ ନୂଆଁଖାଇ: ଓଡିଶାର ହୃଦୟସ୍ଥଳୀରେ ଏକତା, ଐତିହ୍ୟ ଏବଂ ସମ୍ପ୍ରୀତିର ଉତ୍ସବ" ଶୀର୍ଷକକୁ ଏକ ଆନ୍ତର୍ଜାତୀୟ ସେମିନାରରେ ପ୍ରଦର୍ଶିତ କରିବା ପାଇଁ ଚୟନ କରାଯାଇଥିଲା। ବୁଧବାର ଏହି ଆନ୍ତର୍ଜାତିକ ସେମିନାର କମ୍ୟୁନିଟି କନଫରେନସ ଅଫ କମନ୍ସରେ ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହ ବାଂଲାଦେଶ, ମାଲେସିଆ, ସ୍ପେନ ପରି ବିଦେଶ ମାଟିରେ ହଜାର ହଜାର ସଂଖ୍ୟାରେ ଲୋକେ ଏକା ସାଙ୍ଗରେ ଦେଖିଥିଲେ ଝୁରିମାଲ ଗ୍ରାମର ଏକତା ଓ ସହଭାଗିତାର ବିରଳ ପରମ୍ପରାକୁ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ସହଯୋଗରେ ଭାର୍ଚୁଆଲ ମୋଡ଼ରେ ଦିଗାମ୍ବର ଉପାଧ୍ୟାୟ ଓ ଘଟେଶ୍ୱର୍ ଛୁରାଙ୍କ ନେତୃତ୍ୱରେ ଗାଁର ଅନନ୍ୟ ଅଭିନବ ପରମ୍ପରାର ବଳିଷ୍ଠ ଉପସ୍ଥାପନା କରିଥିଲେ ଝୁରିମାଲ ଗ୍ରାମବାସୀ। ୨୦ ମିନିଟର ଏହି ଉପସ୍ଥାପନା ଶେଷରେ ଝୁରିମାଲ ଗ୍ରାମବାସୀଙ୍କୁ ଭୂରି ଭୂରି ପ୍ରଶଂସା କରି ଧନ୍ୟବାଦ ଜଣାଇଥିଲେ ଆୟୋଜକମାନେ। ଦେଶ ବିଦେଶର କୋଣ ଅନୁକୋଣରୁ ଅଂଶ ଗ୍ରହଣକାରୀ ଗ୍ରାମ୍ୟ ସଂଗଠନ, ଏକତା, ଭାଇଚାରା ଓ ସହଭାଗିତାର ପ୍ରତ୍ୟକ୍ଷ ଉପସ୍ଥାପନାରେ ଅଭିଭୂତ ହୋଇଥିଲେ ତଥା ଦେଖିଥିଲେ ତାଙ୍କର ପୁରାତନ ସଂସ୍କୃତି ଆଉ ପରମ୍ପରାକୁ କେତେ ସୁନ୍ଦର ଭାବରେ ବଞ୍ଚାଇ ରଖିଛି ଏକ ଛୋଟ ଗାଁ ଝୁରିମାଲ। ଭାର୍ଚୁଆଲ ମୋଡ଼ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେବକ ରଙ୍ଗିଆମୁଣ୍ଡାର ସମ୍ପାଦକ ଯୋଗଦାନ କରି କହିଥିଲେ, ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟିର ସହଯୋଗରେ ସେବକ ଦୀର୍ଘ ୮ ବର୍ଷ ଧରି ପ୍ରାକୃତିକ ସମ୍ବଳର ସୁପରିଚାଳନା ଉପରେ କାର୍ଯ୍ୟ କରିଆସୁଛି ତଥା ବିଭିନ୍ନ ସଫଳତାର କାହାଣୀକୁ ବିଭିନ୍ନ ସ୍ତରରେ ପ୍ରଦର୍ଶନ କରିବାର ସୁଯୋଗ ପ୍ରଦାନ କରୁଛି। ପୁରାତନ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବାରେ ଝୁରିମାଲ ଗ୍ରାମବାସୀଙ୍କ ଏହି ପ୍ରୟାସ ଅନନ୍ୟ ଓ ଅତୁଳନୀୟ। ଏହା ଅନ୍ୟ ଗାଁ ପାଇଁ ଏକ ସକାରାତ୍ମକ ବାର୍ତ୍ତା ଦେବା ସଙ୍ଗେ ସଙ୍ଗେ ଆମର ଐତିହ୍ୟ, ସଂସ୍କୃତିକୁ ବଞ୍ଚାଇ ରଖିବା ତଥା ଜଳ, ଜମି, ଜଙ୍ଗଲକୁ ସୁରକ୍ଷା କରିବା ନିମନ୍ତେ ପ୍ରେରଣା ଯୋଗାଇବ।